# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁର

(ବିଜ୍ଞାପନ)

ସଂଖ୍ୟା ୫୭୧ ତାରିଖ 7-6-22

ଏତଦ୍ୱାରା ନିମ୍ନଲିଖିତ ଓ ପାର୍ଶ୍ୱପ୍ରଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶାଙ୍କ ନିୟମାବଳୀ ଚିଠି ସଂଖ୍ୟା ୧୪୫ ତା.୨.୫.୨୦୦୭ରିଖ ଓ ସଂଖ୍ୟା ୨୧୦୨୨ ତା.୭.୯.୨୦୦୭ ରିଖ ପ୍ରକାରେ ନିମ୍ନଲିଖିତ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସକାଶେ "ଅଙ୍ଗନୱାଡି କର୍ମୀ " ପଦବୀ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ ଏଥି ସହିତ ସଂଲଗ୍ନ କରାଯାଇଥିବା ଆବେଦନ ଫର୍ମରେ ସଠିକ ଭାବେ ପୂରଣ କରି ଆସନ୍ତା ତା. ୦୮.୦୬.୨୦୨୨ ରିଖ ଠାରୁ ତା.୨୨.୦୦୬.୨୦୨୨ ରିଖ ସୁଦ୍ଧା ସକାଳ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋନପୁରଙ୍କ କାର୍ଯ୍ୟାଳୟରେ ସମସ୍ତ ଶିକ୍ଷାଗତ ଯୋଗ୍ୟତା, ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର ଇତ୍ୟାଦିର ମୂଳ ନମୁନାପତ୍ର ର (Gazetted officer) ଙ୍କ ଠାରୁ (Attested) ସହ ନଥି ଅନଲାଇନ ମାଧ୍ୟମରେ ଆବେଦନ କରିବେ ।(website- https//engagement-awc.odisha.gov.in) । ଅସମ୍ପୂର୍ଣ୍ଣ ଭାବେ online ପୂରଣ କରାଯାଇଥିବା ଆବେଦନ ପତ୍ର ଏବଂ ତ୍ରୁଟିଯୁକ୍ତ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡିକୁ ପ୍ରମାଣ ପତ୍ର ଯାଞ୍ଚ କରାଯିବା ଦିନ ରଦ୍ଦ କରାଯିବ ।

ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-

୧.ଆବେଦନକାରୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ପରିସୀମାର ସ୍ଥାୟୀ ବାସିନ୍ଦା ହୋଇଥିବା ସହିତ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ଅଞ୍ଚଳରେ ବସବାସ କରୁଥିବେ ଏବଂ ତାଙ୍କର ନାମ ସମ୍ପୃକ୍ତ କେନ୍ଦ୍ର ପରିସୀମାର ସର୍ଭେ ଲିଷ୍ଟରେ ସ୍ଥାନ ପାଇଥିବ । ଅନ୍ୟ ଗ୍ରାମର ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୨. ପ୍ରାର୍ଥିନୀଙ୍କ ବୟସ ତା.୦୧.୦୧.୨୦୨୨ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୪୨ ବର୍ଷରୁ ଉର୍ଦ୍ଧ ହୋଇ ନ ଥିବ।

୩ .ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ ସରକାରୀ ସ୍ୱୀକୃତି ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟୁନ ମାଟ୍ରିକ କିମ୍ବା ତତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ।

୪. ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ ସରକାରୀ ସ୍ୱୀକୃତି ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟୁନ ମାଟ୍ରିକ କିମ୍ବା ତତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ । ଯଦି ସମ୍ପୃକ୍ତ କେନ୍ଦ୍ର ପାଇଁ ମାଟ୍ରିକ ପାସ ତତୁଲ୍ୟ ପରୀକ୍ଷାରେ ପାସ କରିଥିବା ପ୍ରାର୍ଥିନୀ ନ ଥିବେ ତେବେ ସରକାରଙ୍କ ନିୟମାନୁସାରେ ଅଷ୍ଟମ ଶ୍ରେଣୀ ପାସ କରି ଆବେଦନ କରିଥିବା ପ୍ରାର୍ଥିନୀ ମାନଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ । ଅଷ୍ଟମ ଶ୍ରେଣୀ ପାସ କରି ଆବେଦନ କରିଥିବା ପ୍ରାର୍ଥିନୀ ମାନେ ଅଷ୍ଟମ ପାସ ସାର୍ଟିଫିକେଟ ସହ ମାର୍କଲିଷ୍ଟ (ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ତଥା prescribed formatରେ ଆଦୃତ ହୋଇଥିବା ଆବଶ୍ୟକ) ଅନଲାଇନ ଆବେଦନ ଫର୍ମରେ ନଥି କରି ଦେବେ ।

୫.ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣ ପତ୍ର ଆବେଦନ ପତ୍ର ଦାଖଲ ତାରିଖରୁ ୬ (ଛଅ ମାସ ) ମଧ୍ୟରେ ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ଗ୍ରହଣୀୟ ଅଟେ ।

୬.ଆବେଦନ ଫର୍ମରେ ନିଜର ଏକ ପାସପୋର୍ଟ ସାଇଜ ଫୋଟୋ ଲଗାଇବେ ।

୭.ଅନାଥ, ବିଧବା, ଶାରୀରିକ ଅକ୍ଷମ, ଅସହାୟ, ଦୁସ୍ଥ , ତଫସିଲ ଭୁକ୍ତ ଜାତି/ଉପଜାତି , ୩୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତା, ଉଚ୍ଚ ଶିକ୍ଷାଗତ ଯୋଗ୍ୟତା , ECCE, ପ୍ରମାଣ ପତ୍ର ପ୍ରାର୍ଥିନୀ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଦାଖଲ କରିବେ ।

୮.ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି ଆସନ୍ତା ତା ୦୮.୦୬.୨୦୨୨ରିଖରୁ ଅନଲାଇନ ମାଧ୍ୟମରେ

ଆବେଦନ କରିପାରିବେ |

ବି.ଦ୍ର.

୧. ଅନଲାଇନ ଆବେଦନକାରିଣୀ ଦାଖଲ କରିଥିବା ଯେକୌଣସି ପ୍ରମାଣ ପତ୍ର ମିଥ୍ୟା ପ୍ରମାଣ ହେଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ।

୨. ପୂର୍ବ ପ୍ରକାଶିତ ବିଜ୍ଞାପନ ରଦ୍ଦ କରାଯାଇ ପୁନଃ ନୂତନ ବିଜ୍ଞାପନ ଅନୁସାରେ ପ୍ରାର୍ଥିନୀମାନେ ଦରଖାସ୍ତ ଆବେଦନ କରିବେ |

ଅଙ୍ଗନୱାଡି କେନ୍ଦ୍ର

| କ୍ରମିକ ନମ୍ବର | ଗ୍ରାମପଞ୍ଚାୟତର ନାମ | ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ କେନ୍ଦ୍ର ପାଇଁ କେଉଁ ଅଞ୍ଚଳର ମହିଳାମାନେ ଆବେଦନ କରିପାରିବେ |
|---|---|---|---|
| ୧ | କାଳାପଥର | ନନ୍ଦନମାଳ | ଶ୍ରୀଯୁକ୍ତ ପଦ୍ମନାଭ ପଣ୍ଡାଙ୍କ ଘର ଠାରୁ ଶ୍ରୀମତୀ ସୁନାଫୁଲ ଠେଲାଙ୍କ ଘର ପର୍ଯ୍ୟନ୍ତ |

Sd/- 7.6.22
Child Development Project Officer
SONEPUR

ପତିପତ୍ର ସଂଖ୍ୟା 492 ତାରିଖ 7.6.22

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ଗ୍ରାମ /ସ୍ଥାନମାନଙ୍କରେ ଲଟକାଜାରି ପାଇଁ ଦିଆଗଲା ।

Sd/- 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
SONEPUR
ସୋନପୁର

ପରିପତ୍ର ସଂଖ୍ୟା 493 ତାରିଖ 7.6.22

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଙ୍କ ଅବଗତି ତଥା ତାଙ୍କ ଘୋଷଣା ଫଳକକୁ ସର୍ବସାଧାରଣ ଏନକେ ଅବଗତି ନିମନ୍ତେ ପ୍ରେରଣା କରାଗଲା।

Child Development Project Office SONEPUR 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସୋନପୁର

ପରିପତ୍ର ସଂଖ୍ୟା 494 ତାରିଖ 7.6.22

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Child Development Project Office SONEPUR 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସୋନପୁର

ପରିପତ୍ର ସଂଖ୍ୟା 495 ତାରିଖ 7.6.22

ଏହାର ଏକକିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର/ତହସିଲଦାର, ସୋନପୁରଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା।

Child Development Project Office SONEPUR 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସୋନପୁର

ପରିପତ୍ର ସଂଖ୍ୟା 496 ତାରିଖ 7.6.22

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ , ସୋନପୁର ତଥା ଅଧକ୍ଷ, ଶିଶୁ ବିକାଶ ପ୍ରକଳ୍ପ ସୋନପୁରଙ୍କ ଅବଗତି ତଥା ଘୋଷଣା ଫଳକକୁ ସର୍ବସାଧାରଣଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

Child Development Project Office SONEPUR 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସୋନପୁର

ପରିପତ୍ର ସଂଖ୍ୟା 497 ତାରିଖ 7.6.22

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ , ସୁବର୍ଣ୍ଣପୁରଙ୍କ ଅଧକ୍ଷ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ , ଏହି ବିଜ୍ଞାପନ www.subarnapur.nic.in ରେ ସଂଲଗ୍ନ କରିବାକୁ ଅନୁରୋଧ ।

Child Development Project Office 7.6.22
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ